# ନକ୍ସଲ ଗୁଳିରେ ସହିଦ ଦୁଇ ଗ୍ରାମରକ୍ଷୀଙ୍କ ପରିବାରକୁ ସମ୍ମାନିତ କଲା ପୁଲିସ





ବୈପାରୀଗୁଡ଼ା,୩୦ା୩(ସମିସ): ନକ୍ସଲ ଗୁଳିରେ ସହିଦ ଦୁଇ ଗ୍ରାମରକ୍ଷୀଙ୍କ ପରିବାରକୁ ଭେଟି ଆଲୋଚନା କରିବା ସହ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇଛି ବୈପାରୀଗୁଡ଼ା ପୁଲିସ। କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅର୍ଚ୍ଚିତା ମିଓଲଙ୍କ ନେତୃତ୍ୱରେ ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ,ଏସଆଇ ସଞ୍ଜୀବ କୁମାର ବେହେରାଙ୍କ ସହ ପୁଲିସ କର୍ମଚାର ଦଶମନ୍ତପୁରର ପଞ୍ଚାୟତର ଗୌରଚନ୍ଦ୍ର ଦଳେଇ ଓ ଭଗବାନ ନାୟକ ଏହି ଦୁଇ ସହିଦ ପରିବାରକୁ ଭେଟି ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସୂଚନା ଥାଉକି, ୨୦୧୨ ମସିହା ଅକ୍ଟୋବର ୨୫ ତାରିଖରେ ବୈପାରିଗୁଡା ଥାନାରେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରୁଥିବା ଦଶମନ୍ତପୁର ଗ୍ରାମର ଗୌରଚନ୍ଦ୍ର ଦଳେଇ ମନ୍ଦିରରୁ ପୂଜା ସାରି ଘରକୁ ଫେରୁଥିବା ବେଳେ ମାଓବାଦୀ ଗୌରଚନ୍ଦ୍ର ଦଳେଇଙ୍କୁ ଉଠେଇ ନେଇ ପୁଲିସ ଇନ୍‌ଫର୍ମର ଆକ୍ଷେପ କରି ଗୁଳିକରି ହତ୍ୟା କରିଥିଲେ। ସେହିପରି ଗିର୍ଲିପୁଟ ଗ୍ରାମର ଗ୍ରାମରକ୍ଷୀ ଭଗବାନ ନାୟକଙ୍କୁ ମଧ୍ୟ ଉକ୍ତ ଦିନ ହିଁ ଠିକ୍ ସେହି ସମୟରେ ପୁଲିସ ଇନ୍‌ଫର୍ମର ଆକ୍ଷେପ କରି ଉଠାଇ ନେଇ ଜଙ୍ଗଲ ଭିତରେ ଗୁଳିକରି ହତ୍ୟା କରିଥିଲେ। ତାଙ୍କ ବଳିଦାନକୁ ସ୍ମରଣ କରି ଆଜି ଦୁଇ ସହିଦଙ୍କ ପରିବାରକୁ ପୁଲିସ ତରଫରୁ ସମ୍ମାନିତ କରାଯାଇଛି । ସହିଦ୍ ପରିବାରଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଯାହାସବୁ ଅସୁବିଧା କିମ୍ବା ସମସ୍ୟା ରହିଛି, ତାହା ଅତିଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶୃତି ଦିଆଯାଇଛି।

## ବ୍ଲକର ଦୁର୍ନୀତି ଚରମ ସୀମାରେ

# ଜିଲ୍ଲା ବିଜେଡିର ୮ ଦଫା ଦାବିପତ୍ର ପ୍ରଦାନ





ନବରଙ୍ଗପୁର,୩୦।୩(ସମିସ): ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ନେତୃତ୍ୱରେ ସୋମବାର ୮ ଦଫା ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ଖୋରାଙ୍କ ଜରିଆରେ ପ୍ରଦାନ କରାଯାଇଛି। ନବରଙ୍ଗପୁର ସଦର ବ୍ଲକରେ ଚାଲିଥିବା ବିଭିନ୍ନ ଅନିୟମିତା, ଦୁର୍ନୀତି ତଥା ଭ୍ରଷ୍ଟାଚାର ବିରୋଧ ରେ ଅଭିଯୋଗ କରି ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳର କର୍ମକର୍ତ୍ତା ସଦସ୍ୟ ଓ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ସମୂହ ବିରୋଧ ଭାସ କରିବା ସହିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଦୀର୍ଘ ମାସ ଧରି ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ନ କରିବା, ଭାରତୀୟ ସମ୍ବିଧାନର ପଞ୍ଚାୟତ ସମିତି ଅଧିନିୟମର ଧାରା ୨୪୩ ତଥା ୭୩ତମ ସମ୍ବିଧାନ ସଂଶୋଧନ ଆଇନକୁ ସମ୍ପୂର୍ଣ ଉଲ୍ଲଂଘନ କରାଯାଉଛି ବୋଲି ଉଲ୍ଲେଖ କରାଯିବା ସହିତ ପଞ୍ଚାୟତ ସମିତିର ସମସ୍ତ ପାଣ୍ଠିକୁ ପଞ୍ଚାୟତ ସମିତିର ସଭ୍ୟସଭ୍ୟାଙ୍କ ଅଜାଣତରେ ସ୍ୱାର୍ଥମୂଳକ ଭାବରେ ବିନିଯୋଗ କରିବା ତଥା ଜନସାଧାରଣଙ୍କ ହକର ଟଙ୍କାକୁ ହରିଲୁଟ କରାଯାଉଛି । ଅଧିକାଂଶ ଅଞ୍ଚଳ ନଳକୂପ ମରାମତି ନ ହେବା ଯୋଗୁଁ ସାଧାରଣ ଜନତା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଗତ ଦିନରେ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ତଥା (ଏଓଏନ୍‌ଓ) ଏବଂ ୫ଟି ଯୋଜନାରେ ଅନ୍ତର୍ଭୁକ୍ତ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟର ଟଙ୍କା ପୈଠ ନ କରିବା ଏବଂ ଗତ ଦିନରେ (ଏଓଏନ୍‌ଓ) ଯୋଜନାରେ ଅନ୍ତର୍ଭୁକ୍ତ ପଞ୍ଚାୟତ ପ୍ରତି ଖେଳସାମଗ୍ରୀ ନିମନ୍ତେ ଆସିଥିବା ଅନୁଦାନରେ ଅଳ୍ପ ଏବଂ ଅତି ନିମ୍ନମାନର ଖେଳ ସାମଗ୍ରୀ ଦେଇ ଅନୁଦାନକୁ ହରିଲୁଟ କରିବା ଓ ମନରେଗା କାର୍ଯ୍ୟରେ ନିମ୍ନମାନର କାର୍ଯ୍ୟ କରି ଫଲ୍ସ ବିଲ କରି ଜନସାଧାରଣଙ୍କ ଟଙ୍କା ହରିଲୁଟ କରିବା ଓ ପ୍ରଧାନମନ୍ତ୍ରୀ ଆବାସଗୃହ ଯୋଜନାରେ ଆସୁଥିବା ମନରେଗା ୨୫,୦୦୦ ଟଙ୍କା ହିତାଧିକାରୀଙ୍କ ଅଜାଣତରେ ଅନ୍ୟ ଜବକାର୍ଡ ଏଣ୍ଟ୍ରି କରି ଗରିବଙ୍କ ଟଙ୍କା ଆତ୍ମସାତ କରିବା ଏବଂ ଦୀର୍ଘ ମାସ ଧରି ନୂତନ ଭାବେ ଲାଗୁ ହୋଇଥିବା ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦିଆ ନ ଯିବା ଭଳି ୮ ଗୋଟି ଦାବି ଏହି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ନନ୍ଦାହାଣ୍ଡି ଜିଲ୍ଲାପରିଷଦ ସଦସ୍ୟ ଅରୁଣ କୁମାର ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ଶରତ ଭତରା , ସମିତି ସଭ୍ୟ ବେଦବ୍ୟାସ ଭତରା , ପୂର୍ବତନ ସାଂସଦ ତଥା ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ , ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ସାଧାରଣ ସମ୍ପାଦକ ବାବୁଲି ମିଶ୍ର , ବ୍ଲକ୍ ସଭାପତି ଲକି ଭତରା, ଭତରା, ସରପଞ୍ଚ ସୁକାନ୍ତ ପୂଜାରୀ ପ୍ରମୁଖ, ଜିଲ୍ଲା ବିଜେଡି ମହିଳା ସଭା ନେତ୍ରୀ ମଞ୍ଜୁଳା ମାଝୀ ନବରଙ୍ଗପୁର ନଗର ସଭାପତି ପ୍ରମୋଦ କୁମାର ରଥ, ବିଜେଡି ନେତା ଗୁଲୁ ମାଝୀଙ୍କ ସମେତ ୧୩ ଗୋଟି ପଞ୍ଚାୟତର ବହୁ ସରପଞ୍ଚ ,ସମିତି ସଭ୍ୟ ସଭ୍ୟା ଏବଂ ଶତାଧିକ ବିଜୁ ଜନତା ଦଳର କର୍ମକର୍ତ୍ତା ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ଦୁର୍ନୀତି ଏବେ ଚରମ ସୀମାରେ। ଉପରୋକ୍ତ ଅନିୟମିତତା ଏବଂ ଅବହେଳାକୁ ସଂଶୋଧନ କରି ଦୁର୍ନୀତି ଓ ଭ୍ରଷ୍ଟାଚାରର ଉପଚାରିତା ପାଇଁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବିଜୁ ଜନତା ଦଳ ବ୍ଲକ କାର୍ଯ୍ୟାଳୟ ବନ୍ଦ କରିବା ସହ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଜିଲ୍ଲା ବିଜେଡି ସଭାପତି ମନୋହର ରନ୍ଧାରି ଚେତାବନୀ ଦେଇଛନ୍ତି। ନବରଙ୍ଗପୁର ବ୍ଲକ୍‌ର ସମିତି ସଭ୍ୟ/ସଭ୍ୟାଙ୍କ ଅଜାଣତରେ ଜନସାଧାରଣଙ୍କ ହକ୍‌ର ପଞ୍ଚାୟତ ଟଙ୍କା ହରିଲୁଟ କରୁଛନ୍ତି ବ୍ଲକ୍ ପ୍ରଶାସନ ବୋଲି ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ କହିଛନ୍ତି। ଏହି ଅବସରରେ ମାସ ମାସ ଧରି ହେଉନାହିଁ ସମିତି ବୈଠକ ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଗତି ଉତ୍ସବ



ଜୟପୁର,୩୦।୩ (ସମିସ) : ଜୟପୁର ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ବିଦ୍ୟାଳୟର ବାର୍ଷିକ ପ୍ରଗତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସତ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟର ସଭାପତି କିଶୋର ପଣ୍ଡା ଦିବସର ମହତ୍ତ୍ୱ ତଥା ଆଗାମୀ ବର୍ଷ ପାଇଁ ଶିଶୁମାନେ କ'ଣ କରିବା ଉଚିତ ଯାହା ଫଳରେ ସେମାନେ ସଫଳତା ପ୍ରାପ୍ତ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଥମରୁ ନବମ ଶ୍ରେଣୀର ପ୍ରଥମ ଦଶଜଣ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଫୁଲତୋଡ଼ା ସହିତ ପ୍ରଗତି ପତ୍ର ପ୍ରଦାନ କରିଥିଲେ। ଏହାପରେ ସମସ୍ତ ଶ୍ରେଣୀରୁ ସର୍ବୋଚ୍ଚ ଉପସ୍ଥାନ ରହିଥିବା ଶିଶୁଙ୍କୁ ବାର୍ଷିକ ଉତ୍ସବରେ ସମ୍ମାନୀତ କରାଯିବା ପାଇଁ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ଯୋଗଦାନ କରିଥିଲେ। ଏହାପରେ ସମସ୍ତ ଶିଶୁଙ୍କୁ ଶ୍ରେଣୀ ଅନୁସାରେ ପ୍ରଗତି ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା ସୁମିତ୍ରା ପଟ୍ଟନାୟକ ଏବଂ ଗୁରୁଜୀ ଅନନ୍ତ ନାରାୟଣ ମହାପାତ୍ର କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ , ଦିଲ୍ଲୀପ କୁମାର ଶତପଥୀ ଏବଂ କୈଳାସ ଚନ୍ଦ୍ର ପଣ୍ଡା ଏବଂ ବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଂପାଦକ ଶିଶିର ଚନ୍ଦ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ପାଜର ମାଗିବାବେଳେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ବିରୋଧ



ଜୟପୁର ୩୦।୩(ସମିସ): ଜୟପୁର ସଦର ଥାନା କାଳିଆଗାଁ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟ ଚୈତ୍ର ମାସରେ ପର୍ବ ପାଳନ ପାଜର ମାଗିବା ପରମ୍ପରା ରହିଛି। ଗତ ଶୁକ୍ରବାର କାଳିଆ ଗାଁ ଅଞ୍ଚଳରେ କିଛି ଗ୍ରାମର ଆଦିବାସୀ ମହିଳା ରାସ୍ତା ଅବରୋଧ କରିବା ସହିତ ପରମ୍ପରା ପର୍ବ ପାଳନ ନେଇ ଟଙ୍କା ମାଗୁଥିବା ବେଳେ ପୁଲିସ ପାଟ୍ରୋଲିଂ ଗାଡି ସେଠାରେ ପହଞ୍ଚି ମହିଳା ମାନଙ୍କୁ ଘଉଡାଇଥିଲା। କିଛି ମହିଳା କାକୁତି ମିନତି କରିବା, ଦୌଡ଼ି ପଳାଉଥିବା ଭିଡିଓ ଭାଇରାଲ ହେବା ପରେ ଆଦିବାସୀ ସଂଘର ସଭାପତି ଜିତେନ୍ଦ୍ର ନାୟକଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା, ସଦସ୍ୟ ଓ ଗ୍ରାମର ମହିଳା ମାନେ ଆଜି ଜୟପୁର ଏସଡିପିଓ କାର୍ଯ୍ୟାଳୟ ଠାରେ ଏସଡିପିଓ ଅର୍ଚ୍ଚିତା ମିଓଲଙ୍କୁ ସାକ୍ଷାତ କରିଥିଲେ। ଉକ୍ତ ପୁଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଜୟପୁର ପୌରସଂସ୍ଥାର କାଉନସିଲର ପ୍ରଣବ କିଶୋର ନାୟକ ଆଦିବାସୀ ପରମ୍ପରା ଅନୁଯାୟୀ ବିନା ଜୋରଜବରଦସ୍ତରେ ଏପରି ପାଳନ କରାଯାଇଥାଏ ବୋଲି ଏସଡିପିଓଙ୍କୁ କହିଥିଲେ । ଜୟପୁର ଲକ୍ଷ୍ମୀ ପଣ୍ଡା ଛକ ଠାରେ ଟ୍ରାଫିକ ଲାଇଟ୍ ବ୍ୟବସ୍ଥା ନେଇ ଆଲୋଚନା ମଧ୍ୟ ହୋଇଥିଲା।

● ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

# ଆସୁନାହାନ୍ତି ଅଧିକାଂଶ ଅଧିକାରୀ

ପୋଡ଼ାଗଡ,୩୦।୩(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଏ ମାଲକାନଗିରି ଗ୍ରମପୋଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି। ଶିବିରରେ ଜନ ସାଧାରଣ ଉପସ୍ଥିତ ରହି ନିଜ ବା ନିଜ ଗ୍ରାମର ସମସ୍ୟା ନେଇ ଅଭିଯୋଗ କରିବା କଥା । କିନ୍ତୁ ତାହାର ବିପରୀତ ଦେଖିବାକୁ ମିଳିଛି। ଏଠାରେ ଜନ ସାଧାରଣଙ୍କ କାମ ଅଙ୍ଗନବାଡି କର୍ମୀ ଓ ମିଶନ ଶକ୍ତିରେ କାର୍ଯ୍ୟରତ ସିଆରପି, କୃଷି ମିତ୍ର ମାନେ ରହିଥିବା ଦେଖା ଦେଇଛି। ଅଭିଯୋଗ ଶୁଣାଣି ଶିବିରରେ ବ୍ଲକ୍‌ସ୍ତରୀୟ ଅଧିକାଂଶ ବିଭାଗର ଅଧିକାରୀ ଉପସ୍ଥିତ ନଥିଲେ। ଯେଉଁମାନେ ଉପସ୍ଥିତ ଥିଲେ, ସେମାନେ ଦିନ ୧୦ଟା ସମୟରେ ଉପସ୍ଥିତ ହେବା କଥା । କିନ୍ତୁ ୧୧ଟା ୩୦ ମିନିଟ ସମୟରେ ଆସିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ କେବଳ ଦୁଇଟି ହିଁ ଅଭିଯୋଗ ଆସିଥିଲା। ସେହି ଦୁଇ ଅଭିଯୋଗ ହେଲା ପାନୀୟ ଜଳ ସମସ୍ୟା ଓ କେ.ଚଣ୍ଡଲ ଗୁଡ଼ା ଗ୍ରାମକୁ ରାସ୍ତା ସମସ୍ୟା । ଏହି ଅଭିଯୋଗ ଶୁଣାଣି ଉପସ୍ଥିତ ଥିବା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧୀର କୁମାର ତାହାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଏତେ କମ୍ ଅଭିଯୋଗ ଆସିବା ସମସ୍ତଙ୍କୁ ଚକିତ କରିବା ସ୍ୱାଭାବିକ। ସଠିକ୍ ସମୟରେ ଅଧିକାରୀ ନ ଆସିବା ବା ଅଧିକାଂଶ ବିଭାଗର ଅଧିକାରୀ ଅନୁପସ୍ଥିତ ରହିବା ହେତୁ ଜନ ସାଧାରଣ ଆସୁନଥିବା ସ୍ଥାନୀୟ ଜନପ୍ରତିନିଧି ମାନେ କହୁଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଥିଲେ ଯୋଗାଣ ନିରୀକ୍ଷକ ଜନସନ ହୋଇ, ସ୍ୱାସ୍ଥ୍ୟ କର୍ମୀ ଶର୍ମିଷ୍ଠା ପ୍ରରଜ୍, ପ୍ରାଣୀ ଚିକିତ୍ସକ ସମେତ ୱାର୍ଡ ମେମ୍ବର , ସରପଞ୍ଚ କୁମୁଟି ଜାନି ପ୍ରମୁଖ। ଏହି କାର୍ଯ୍ୟ ପରିଚାଳନା କରିଥିଲେ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏମ ଗୋବିନ୍ଦ ରାଓ। ଶେଷରେ ସ୍ଥାନୀୟ ଏଡିଓ ସୁମନ୍ତ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରୟାଲ ଡିଗ୍ରୀ କଲେଜର ରକ୍ତଦାନ ଶିବିର




ଜୟପୁର ୩୦।୩(ସମିସ): ଜୟପୁର ନିକଟସ୍ଥ ଅନ୍ତା ଗ୍ରାମଠାରେ ରୟାଲ ଡିଗ୍ରୀ କଲେଜ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ପରିଚାଳନା କମିଟିର ଅଧ୍ୟକ୍ଷ ଅଜିତ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଡିଗ୍ରୀ କଲେଜର ଅଧ୍ୟକ୍ଷ ହରିହର ଭଟ୍ଟ ଶିବିରରେ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ରକ୍ତ ସଂଗ୍ରହକାରି ଦଳଙ୍କ ତତ୍ତ୍ୱାବଧାନରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ବି ଗଙ୍ଗାଧର, ଗୀତକ୍ଷ ପରିଡା, ଅଜିତ୍ କୁମାର ଗୌଡ, ରବିନ୍ଦ୍ର କୁମାର ମିଶ୍ରଙ୍କ ସମେତ ଓଡ଼ିଶା ରକ୍ତଦାତା ମହାସଂଘର ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ରକ୍ତଦାନ ଶିବିରରେ ଆଶିଷ କୁମାର ପଣ୍ଡା, ପ୍ରତିକ୍ଷା ମିଶ୍ର, ସୁଧୀର ପଣ୍ଡା, ସନ୍ତୋଷ ମାଦଲା, ଶ୍ୱେତା ପ୍ରହରାଜ, ସ୍ମରଣିକା ମିଶ୍ର ଓ ଏ.ସୌଜନ୍ୟାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ରାୟଗଡ଼ାର ୨ ସ୍ଥାନରେ ମାଁ ଦଣ୍ଡକାଳୀ ଯାତ୍ରା



ରାୟଗଡ଼ା,୩୦।୩(ସମିସ) : ରାୟଗଡ଼ା ସହରର ରାମକୃଷ୍ଣ ନଗର ବାସିନ୍ଦା ଡ. ଶିବ ପ୍ରସାଦ ନାୟକଙ୍କ ଆବାହକତ୍ୱରେ ରାମକୃଷ୍ଣ ନଗର ଏବଂ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପ ଠାରେ ଓଁ ଶ୍ରୀ ଶ୍ରୀ ଶ୍ରୀ ମାଁ ଦଣ୍ଡକାଳୀ ଯାତ୍ରା ଭକ୍ତିମୟ ପରିବେଶ ମଧ୍ୟରେ ରବିବାର ସମ୍ପନ୍ନ ହୋଇଯାଇଛି। ଚୈତ୍ର ମାସରେ ଆୟୋଜିତ ହୋଇଥିବା ଏହି ଦଣ୍ଡକାଳୀ ଯାତ୍ରାରେ ଗଞ୍ଜାମ ଜିଲ୍ଲାର ହିଞ୍ଜଳିକାଟୁରୁ ବ୍ରତଧାରୀ ଦାଣ୍ଡୁଆମାନେ ଯୋଗ ଦେଇ କାର୍ଯ୍ୟସୂଚୀ ପ୍ରକାରେ ପୂଜାର୍ଚ୍ଚନା କରିଥିଲେ। ମଧ୍ୟାହ୍ନରେ ଧୂଳିଦଣ୍ଡ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୫ଟା ସମୟରେ ପାଣି ଦଣ୍ଡ ଏବଂ ସାଢେ ୬ଟା ସମୟରେ ପଞ୍ଚାମୃତ (ପଣା) ସେବନ କରାଯାଇଥିଲା। ପରେ ମାଁଙ୍କ ଆଳତୀ ଏବଂ ରାତ୍ର ୧୨ଟା ସମୟରେ ପ୍ରସାଦ ସେବନ ସହ ମାଁଙ୍କ ନିଶାର୍ଦ୍ଧ ଭ୍ରମଣ ଆଦି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଦଣ୍ଡଯାତ୍ରାରେ ଦାଣ୍ଡୁଆମାନଙ୍କ ଦଣ୍ଡ ନୃତ୍ୟ, କଠିନ ତପସ୍ୟା ଓ ଉପାସନା ଦେଖିବାକୁ ବହୁ ସଂଖ୍ୟାରେ ଦର୍ଶକ ଯୋଗ ଦେଇଥିଲେ। ମାଁଙ୍କ ଏହି ଯାତ୍ରାରେ ସମସ୍ତେ କାର୍ଯ୍ୟସୂଚୀ ଅନୁଯାୟୀ ଉପସ୍ଥିତ ରହି ମାଁଙ୍କ ଅପାର କରୁଣା ପ୍ରାପ୍ତି ହେବାକୁ ଡ.ଶିବ ପ୍ରସାଦ ନାୟକଙ୍କୁ ଅନୁରୋଧ କରିଥିଲେ। ପ୍ରକାଶ ଥାଉ କି, ରାୟଗଡ଼ା ସହର ସମେତ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଗ୍ରାମାଞ୍ଚଳରେ ଏହି ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥାଏ।

● ଚଢେଇଆ-ଚଢେଇଆଣୀ ନୃତ୍ୟ

# ସାମାଜିକ ଭୂମିକା ଉପରେ ସଚେତନତା କାର୍ଯ୍ୟକ୍ରମ




କୋଷାଗୁମୁଡ଼ା,୩୦।୩(ସମିସ): ନବରଙ୍ଗପୁରରେ ଦର୍ଶକଙ୍କୁ ଆକର୍ଷିତ କଲା ଭୁବନେଶ୍ୱର ସ୍ଥିତ ଅସ୍ତିତ୍ୱ ଅନୁଷ୍ଠାନ ଦ୍ୱାରା ନିଆରା ଢଙ୍ଗରେ ଆୟୋଜିତ ଚଢେଇଆ-ଚଢେଇଆଣୀ ନୃତ୍ୟର ସାମାଜିକ ଭୂମିକା ଉପରେ ସଚେତନତା କାର୍ଯ୍ୟକ୍ରମ। ୩୦ ମାର୍ଚ୍ଚ ୨୦୨୬ରେ ନବରଙ୍ଗପୁର ଜିଲ୍ଲାର ଚିରମା ଠାରେ ଭୁବନେଶ୍ୱର ସ୍ଥିତ ଏକ ଏନ୍‌ଜିଓ ଅସ୍ତିତ୍ୱ ଦ୍ୱାରା "ସମାଜ ଗଠନରେ ପାରମ୍ପରିକ ଲୋକ ସଂସ୍କୃତିର ଭୂମିକା" ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଏବଂ ପାରମ୍ପରିକ ଚଢେଇଆ ଚଢେଇଆଣୀ ନୃତ୍ୟର ଏକ ଚିତ୍ତାକର୍ଷକ ପ୍ରଦର୍ଶନ ସଫଳତାର ସହିତ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଚିରମା ଗ୍ରାମରେ ଆଦିବାସୀମାନଙ୍କ ଗହଣରେ ଆୟୋଜିତ ହୋଇଥିଲା। ଓଡ଼ିଶାର ସମୃଦ୍ଧ ଏବଂ ବିବିଧ ଲୋକ ଐତିହ୍ୟ, ବିଶେଷକରି କମ୍ ଜଣାଶୁଣା ଚଢେଇଆ ଚଢେଇଆଣୀ ନୃତ୍ୟ ପ୍ରତି ଆଗ୍ରହକୁ ପୁନର୍ଜୀବିତ କରିବା ଏବଂ ସଚେତନତା ପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ ଥିଲା। ଅସ୍ତିତ୍ୱର ସମ୍ପାଦିକା ଡ.ମମତା ଦାଶ ତାଙ୍କ ଭାଷଣରେ ପାରମ୍ପରିକ ଲୋକକଳାକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଯାହା ଆଧୁନିକୀକରଣ ଏବଂ ସଚେତନତାର ଅଭାବ ଯୋଗୁଁ ଧୀରେ ଧୀରେ ଲୁପ୍ତ ହେଉଛି। କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ଚଢେଇୟା ଚଢେଇୟାଣୀ ନୃତ୍ୟର ଲାଇଭ୍ ପ୍ରଦର୍ଶନ, । ଯାହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଅସ୍ତିତ୍ୱର ଯୁଗ୍ମ ସମ୍ପାଦିକା ସୁଶ୍ରୀ ଦିପ୍ତିରାଣୀ ମହାନ୍ତି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ଗ୍ରାମବାସୀ ,ବିଷେଶକରି ସଂକୀର୍ତ୍ତନ ଲୋକ କଳା ପରିଷଦର ଓଡ଼ିଶା ରାଜ୍ୟ ଅଧ୍ୟକ୍ଷ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାଲଙ୍କ ଅକୁଣ୍ଠ ସହଯୋଗର ପାଇଁ ଧନ୍ୟବାଦ ଜଣାଇଥିଲେ।

# ଭୁବନେଶ୍ୱର ପାଣିଗ୍ରାହୀ ସ୍ମୃତି ସଂସଦର ସ୍ୱନକ୍ଷତ୍ର ଦିବସ



ଜୟପୁର ୩୦।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଭୁବନେଶ୍ୱର ପାଣିଗ୍ରାହୀ ସ୍ମୃତି ସଂସଦର ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରର ଲେଖିକା ଜାନକୀ ପାଣିଗ୍ରାହୀଙ୍କ ଜର୍ମାନୀ ଭ୍ରମଣ କାହାଣୀ ପୁସ୍ତକ ଶୁଭ ଉନ୍ମୋଚନ ହୋଇଥିଲା। ସ୍ଥାନୀୟ ନାରାୟଣୀ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ହରିହର କରସୁଧା ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ମଦନମୋହନ ନାୟକ ଯୋଗଦେଇ ନୂତନ ପ୍ରକାଶିତ ପୁସ୍ତକ ଲେଖିକା ଶ୍ରୀମତି ପାଣିଗ୍ରାହୀଙ୍କ ପ୍ରଶଂସା କରିଥିଲେ। ଏହି ଅବସରରେ ସାହିତ୍ୟିକ ନଳନୀ ରଞ୍ଜନ ମିଶ୍ରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସମ୍ପାଦକୀୟ ବିବରଣୀ ପାଠ ଅଶୋକ ମହାରଣ ଏବଂ ସଂସଦର ସଭାପତି ସରୋଜ କୁମାର ପାଣିଗ୍ରାହୀ ଏବଂ ଅଧ୍ୟାପକ ସଂଧାଂଶୁ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କବିତା ପାଠ କାର୍ଯ୍ୟକ୍ରମ ଡ. ଜାହ୍ନବୀ ପଣ୍ଡାଙ୍କ ସଂଯୋଜନାରେ ସହରର କବି ଓ କବୟିତ୍ରୀ ମାନେ ଉପସ୍ଥିତ ରହି ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ।

# ମନରେଗା ଅନୁଦାନ ବାଟମାରଣା

କାଳିମେଲା,୩୦।୩(ସମିସ):



ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତରେ ମନରେଗା ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ମହାରାଜପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମପିଭି -୮୧ ଗ୍ରାମର ତପନ ବିଶ୍ୱାସ ଘର ଠାରୁ ମଶାଣୀ ରାସ୍ତା କାମ ୨୦୨୪-୨୫ ଆର୍ଥିକବର୍ଷରେମନରେଗାଯୋଜନାରେ ନିର୍ମିତ କୋଡ଼ ନମ୍ବର ୧୦୬୦୦୪୩୯ରେ କିଛି ଦିନ ତଳେ ନିର୍ମାଣ କରାଯାଇଛି। ଯାହାର ଅଟକଳ ମୂଲ୍ୟ ୯ ଲକ୍ଷ ୭୨ ହଜାର। ଏହି ରାସ୍ତା ନିର୍ମାଣ ସମୟରେ ହିଟାଚି ମେସିନ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ଫଟୋ ଉଠାଇ ମନରେଗା ପୋର୍ଟାଲରେ ଅପଲୋଡ଼ କରାଯାଉଥିବା ଦେଖିବାକୁ ମିଳିଛି। ଏହାସହ ବର୍ତ୍ତମାନ ସ୍ଥାନୀୟ ଜବକାର୍ଡଧାରୀଙ୍କ ଆକାଉଣ୍ଟକୁ ଅସାଧୁ ଉପାୟରେ ଟଙ୍କା ପଇଠ କରି ଲକ୍ଷ ଲକ୍ଷ ଟଙ୍କା ବାଟମାରଣା କରାଯାଉଥିବା ଜଣାପଡ଼ିଛି।

## ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

ଗରିବ ଓ ଅସହାୟଙ୍କୁ କାମ ଯୋଗାଇବା ପାଇଁ ଗ୍ରାମାଞ୍ଚଳରେ ମନରେଗାରେ ବିଭିନ୍ନ ପ୍ରକଳ୍ପ କରାଯାଉଥିବା ବେଳେ ତରବରିଆ ଭାବରେ ଏଭଳି ମେସିନରେ କାମ କରାଯିବା ଏବଂ କିଛି ଦିନ ପରେ ସ୍ଥାନୀୟ ଜବକାର୍ଡ ଧାରୀଙ୍କ ଆକାଉଣ୍ଟକୁ ଟଙ୍କା ପଇଠ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବା ନିଶ୍ଚିନ୍ତ ଭାବରେ ବିଭାଗର ଢ଼ିଲାପଣକୁ ପଦାରେ ପକାଇଛି। ସ୍ଥାନୀୟ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ବିନା ଏପରି ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ ସମ୍ଭବ ନାହିଁ ବୋଲି ସ୍ଥାନୀୟ କିଛି ଲୋକ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ଏନେଇ ସମ୍ପୃକ୍ତ ପଞ୍ଚାୟତରେ ପିଇଓ ଡିଏନ ନାୟକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନଥିଲା।



# ସ୍ୱାଭିମାନ ଅଞ୍ଚଳରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି



ଚିତ୍ରକୋଣ୍ଡା,୩୦।୩(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ବିକାଶ ଓ ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଚିତ୍ରକୋଣ୍ଡା ବ୍ଲକର ଯନ୍ତ୍ରୀ ପଞ୍ଚାୟତ ପରିସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଜନ ଶୁଣାଣି ଓ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ନେଇ ପହଞ୍ଚିଥିଲେ। ଜିଲ୍ଲାପାଳ ୭୭ ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୬ଟି ବ୍ୟକ୍ତିଗତ ଓ ୫୧ଟି ଗ୍ରାମ୍ୟ ସମସ୍ୟା ଅଭିଯୋଗର ଶୁଣାଣି କରାଯାଇଥିଲା। ଏଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଜମି ପଟ୍ଟା ସମ୍ପର୍କିତ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଏବଂ ଭିନ୍ନକ୍ଷମ ସହାୟତା ପାଇଁ ଆସିଥିବା ଅଭିଯୋଗର ଶୁଣାଣି କରାଯାଇଥିଲା। ତତ୍ ସହିତ ଗ୍ରାମରେ ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଏବଂ ରାସ୍ତାଘାଟ ସମସ୍ୟାର ସମାଧାନ ପାଇଁ ଶୁଣାଣି କରଯାଇଥିଲା। ଜିଲ୍ଲାପାଳ କେତେକ ଗୁରୁତର ଅଭିଯୋଗର ଘଟଣାସ୍ଥଳରେ ହିଁ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବସୁନ୍ଧରା ଯୋଜନା ଅନ୍ତର୍ଗତ ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା। ଏଥିସହିତ ବିଭିନ୍ନ ସରକାରୀ ଯୋଜନାର ସୁବିଧା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଡୋଳାମଣି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ସମସ୍ୟାକ ଶୁଣିଥିଲେ। ଏଥିସହ ସମସ୍ତ ତହସିଲଦାର, ବିଡିଓ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଦୁର୍ଗମ ଅଞ୍ଚଳରେ ପ୍ରଶାସନ ପହଞ୍ଚି ଲୋକଙ୍କ ଦୁଃଖ ବୁଝୁଥିବାରୁ ସ୍ଥାନୀୟ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି।

# ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତି ସମ୍ବର୍ଦ୍ଧିତ

ବନ୍ଧୁଗାଁ, ୩୦।୩ (ସମିସ): ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା ମଧ୍ୟମରେ ଉପାନ୍ତ ଗ୍ରାମ ଗୁଡିକରେ ଉତ୍ତମ କର୍ତ୍ତବ୍ୟ ସମ୍ପାଦନ କରିଥିବା ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରଶ୍ମି ରଞ୍ଜନ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣ୍ୟାକା, ସମ୍ମାନିତ ଅତିଥି ଭାବେ ସିଡିପିଓ ଗୀତାଞ୍ଜଳୀ ମହାରଣା, ଡା. ନିହାର ରଞ୍ଜନ ଷଡ଼ଙ୍ଗୀ, ଡା. ସ୍ୱୟନ ବିକାଶ ଦେଓ, ଡା. ସତ୍ୟ ରଞ୍ଜନ ଦାସ, ବିପିଏମ ଅସୀତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ଗାଁ ଗୁଡିକରେ ଥିବା ଆଶା ଓ ଅଙ୍ଗନବାଡ଼ି କର୍ମୀ ଲୋକଙ୍କୁ ସଚେତନ କରିବା ସହ ଏକ ସୁସ୍ଥ ସ୍ୱାସ୍ଥ୍ୟ ପାଇବା ପାଇଁ କଠିନ ପରିଶ୍ରମ କରି ଆସୁଛନ୍ତି। ଗ୍ରାମାଞ୍ଚଳ ଲୋକଙ୍କୁ ଅତି ସୁବିଧାରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ତୁରନ୍ତ ଚିକିତ୍ସା ଆବଶ୍ୟକ ଥିବା ରୋଗୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଚିକିତ୍ସା ସୁବିଧା ଯୋଗାଇ ଆସୁଛନ୍ତି। ଏଥିପାଇଁ ଆଶା, ଅଙ୍ଗନବାଡି, ଜନପ୍ରତିନିଧି ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତି ମାନଙ୍କ ଗ୍ରାମ ଗୁଡିକରେ ଦେଇ ଥିବା ଯୋଗଦାନକୁ ନେଇ ମଞ୍ଚାସୀନ ଅତିଥି ପ୍ରଶଂସା କରିଥିଲେ। ଶ୍ରେଷ୍ଠ ଆଶା ଦିଦି ଭାବେ ସୀଙ୍ଗିପୁଟ ଗ୍ରାମର ମାଧୁରୀ ସଗଡିଆ ପ୍ରଥମ, ମାର୍ଚିଗୁଡା ଗ୍ରାମର ଏମ୍ ଜାନକୀ ଦ୍ୱିତୀୟ, ସାନବାଙ୍କିଡ଼ି ଗ୍ରାମର ପୁଲକ ହିମିରିକା ତୃତୀୟ, ସମସ୍ତଙ୍କୁ ୨୫୦୦, ୧୫୦୦, ୧୦୦୦ ଅର୍ଥରାଶି ସହ ମାନପତ୍ର ଓ ସିଲ୍ ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ଲୋକାର୍ଲୀ ଗ୍ରାମର ଅଙ୍ଗନବାଡି କର୍ମୀ ପି ଭୂଦେବୀ ଓ ୱାର୍ଡ ମେମ୍ବର ଏସ୍ ହାରାକାଙ୍କୁ ଅର୍ଥରାଶି ଦଶ ହଜାର ସହ ମାନପତ୍ର ଓ ସିଲ୍ ପ୍ରଦାନ କରାଯାଇଥିଲା। ବେଷ୍ଟ ଜନ ଆରୋଗ୍ୟ ସମିତି ଭାବେ ସୋଡ଼ାବାଡ଼ି ଗ୍ରାମର ସିଏଚଓ ବନ୍ଦନା ବାରିକ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ନୟନା ଜେନାଙ୍କୁ ମାନପତ୍ର ସହ ସିଲ୍ ପ୍ରଦାନ କରାଯାଇଛି। ଡା. ନିହାର ରଞ୍ଜନ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିବା ବେଳେ ପିଏଚଇଓ ଅମୂଲ୍ୟ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିପିଏମ ଅସିତ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ସହଦେବ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା



କୋଷାଗୁମୁଡ଼ା,୩୦।୩(ସମିସ): ଭୁବନେଶ୍ୱରର ହାଇଟେକ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ଜୁନିଅର ରେଡ୍‌କ୍ରସ୍ ଷ୍ଟଡି-କମ୍-ଟ୍ରେନିଂ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ସହଦେବ ହାଇସ୍କୁଲର ୧୦ ଜଣ ଜୁନିଅର ଓ ୨ ଜଣ କାଉନ୍ସିଲର ଓଡ଼ିଶାକୁ ପ୍ରତିନିଧିତ୍ୱ କରି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନୃତ୍ୟ, ରଚନା ଓ ପ୍ରଦର୍ଶନୀ ବିଭାଗରେ ଚାମ୍ପିଅନ୍ ହୋଇଥିବା ବେଳେ ଏକ୍ସଟେମ୍ପୋର ସ୍ପିଚ୍ ବିଭାଗରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସଫଳତା ଦ୍ୱାରା କୋଷାଗୁମୁଡା ବ୍ଲକ, ସହଦେବ ହାଇସ୍କୁଲ ଓ ସମଗ୍ର ନବରଙ୍ଗପୁର ଜିଲ୍ଲାର ଗୌରବ ବଢ଼ିଛି। ଏହି ଦଳକୁ କାଉନ୍‌ସିଲର ପ୍ରକାଶିନୀ ଚୌଧୁରୀ ଓ ଶ୍ରାବଣ ଦେବତା ସଠିକ୍ ମାର୍ଗଦର୍ଶନ ଓ ପ୍ରେରଣା ଦେଇଥିଲେ। ସେମାନଙ୍କର ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ଜିଲ୍ଲାକୁ ଗର୍ବିତ କରିଛନ୍ତି। ଏହି ସଫଳତା ପାଇଁ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ, ପୋଣ୍ଡୁଗୁଡା ମଧ୍ୟ ଗର୍ବ ଅନୁଭବ କରିଛି। ସମ୍ବର୍ଦ୍ଧିତ ସମସ୍ତ ଶିକ୍ଷକ, ଅଭିଭାବକ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଜୟୀ ଛାତ୍ରଛାତ୍ରୀ ଓ କାଉନ୍‌ସିଲରମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ସଫଳତା ଆଗାମୀ ଦିନରେ ଛାତ୍ରଛାତ୍ରୀମାନଙ୍କୁ ଆହୁରି ଉତ୍ସାହିତ କରିବା ସହିତ ଜିଲ୍ଲାର ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ନୂତନ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି। ବର୍ତ୍ତମାନ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ସ୍ଥାନୀୟ ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ ଓ ଜନସାଧାରଣ ଶୁଭେଚ୍ଛା ଜଣାଇଛନ୍ତି।

# ଜଙ୍ଗଲ ନିଆଁ ସଚେତନତା

ବୈପାରୀଗୁଡ଼ା,୩୦।୩(ସମିସ): ବୈପାରୀଗୁଡ଼ା ବନ ବିଭାଗ ତରଫରୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୈପାରୀଗୁଡା ସହରରେ ସମସ୍ତ ସାହି ଗଳିକନ୍ଦି ବୁଲି ଲୋକଙ୍କୁ ସଚେତନ କରାଯାଇଛି । ନିଆଁ ଦାଉରୁ କିଭଳି ଭାବରେ ଜଙ୍ଗଲକୁ ସୁରକ୍ଷା କରାଯାଇ ପାରିବ ସେ ନେଇ ବନ ବିଭାଗ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବୈପାରୀଗୁଡା ବନାଞ୍ଚଳ ଅଧିକାରୀ ସନ୍ଦୀପ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପାଦ ଯାତ୍ରାରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧକ୍ଷା ପୂର୍ଣ୍ଣିମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ଥାନା ଅଧିକାରୀ ଡମ୍ବୁରୁଧର ବର୍ତିଆ, ବନାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ, ଫ୍ରେଣ୍ଡସ ୟୁନିଟ କ୍ଲବ ସଦସ୍ୟ, ପରା ଷ୍ଟାଫ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବନପାଳ ଲଳିତା ହରିଜନଙ୍କ ସମେତ ସମସ୍ତ ଷ୍ଟାଫ ସହଯୋଗ କରିଥିଲେ।

● ବିଏସ୍‌ଏଫ୍‌ର ହୀରକ ବର୍ଷ ପାଳିତ

# ଜୟପୁର ରାଜମହଲ ପରିସରରେ କାର୍ଯ୍ୟକ୍ରମ



ଜୟପୁର, ୩୦।୩ (ସମିସ): ସାରା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଭାରତୀୟ ଅର୍ଦ୍ଧ ସାମରିକ ବାହିନୀ ସୀମା ସୁରକ୍ଷା ବଳ (ବିଏସଏଫ)ର ସାରା ଦେଶରେ ୬୦ ବର୍ଷ ପୂର୍ତ୍ତି ଅବସରରେ ହୀରକ ବର୍ଷ ପାଳନ କରାଯାଉଛି। ଏହି ଅବସରରେ କୋରାପୁଟ ବିଏସଏଫ ବାଟିଲାଅନ ପକ୍ଷରୁ ଆଜି ଜୟପୁର ରାଜ ପରିବାରର ମତି ମହଲ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏସଏଫ ସହିତ କେନ୍ଦ୍ରୀୟ ସୁରକ୍ଷା ପୋଲିସ ବଳ (ସିଆରପିଏଫ)ର କୋବ୍ରା ଫୋର୍ସ, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ) ଯବାନ ମାନେ ଯୋଗଦେଇ ପ୍ରଦର୍ଶନୀ , ସଭାକାର୍ଯ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ଭାରତ କେ ବୀର' ନାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ସୀମା ଓ ଆନ୍ତରିକ ସୁରକ୍ଷା ପାଇଁ ଏହି ଅର୍ଦ୍ଧ ସାମରିକ ବଳ ଯୋଗଦାନ ଏବଂ କାର୍ଯ୍ୟଧାରା ଉପରେ ସାଧାରଣ ଲୋକଙ୍କୁ ଅବଗତ କରିବା ସହିତ ସେମାନେ ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ କେଉଁଭଳି ଭାବେ ଲୋକଙ୍କ ସେବା ଯୋଗାଉଛନ୍ତି ସେ ନେଇ ସଚେତନ ଓ ଅବଗତ କରିଥିଲେ। ଏହି ଅବସରରେ ଦେଶର ସୀମା ଓ ଆନ୍ତରିକ ସୁରକ୍ଷା ପାଇଁ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର , ଅତ୍ୟାଧୁନିକି ଉପକକଣ, ବୋମା ଠାବ ଓ ନିଷ୍କ୍ରିୟ, ରାତ୍ରୀକାଳିନ ଦୂରବିକ୍ଷଣ ଯନ୍ତ୍ର, ରକେଟ ଲଞ୍ଚର ଏବଂ ଅନ୍ୟାନ୍ୟ ସୁରକ୍ଷା ଉପକରଣ ପ୍ରଦର୍ଶନୀ ମାଧ୍ୟମରେ ସାଧାରଣ ଲୋକଙ୍କୁ ଅବଗତ କରାଯାଇଥିଲା। ବିଏସଏଫର ସନ୍ଧାନୀ କୁକୁର ଦେଶ ସୁରକ୍ଷା ପାଇଁ ଯବାନ ମାନଙ୍କ ସହିତ ମିଶି ଅବଦାନ ବୋମା ସନ୍ଧାନ, ନିଆଁ ଲାଗିଥିବା ଭିତରେ ପ୍ରବେଶ କରିବା ସହିତ ସାଧାରଣ ଲୋକଙ୍କୁ ଉଦ୍ଧାର ପାଇଁ ସହାୟତା ନେଇ ପ୍ରଦର୍ଶିତ ହୋଇଥିଲା। ସେହିପରି ସିଆଇଏସଏଫ ପକ୍ଷରୁ ଅଗ୍ନି ନିର୍ବିପାକ ଯନ୍ତ୍ର ପ୍ରଦର୍ଶିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଦ୍ୱାରା ଦେଶାତ୍ମବୋଧ ସଂଗୀତ , ନୃତ୍ୟ ଏବଂ ସେନା ପୋଷାକ ପିନ୍ଧି ମଞ୍ଚରେ ପ୍ରଦର୍ଶିତ ହୋଇଥିଲା। ସେହିପରି ବିଏସଏଫର କିଛି ସହିଦ ପରିବାରଙ୍କୁ ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା । ଏହିପରି ଆତ୍ମସୁରକ୍ଷା ନେଇ ଉଭୟ ମହିଳା ଓ ଯୁବକ ଯବାନ ମାନଙ୍କ ପାଇଁ ମାର୍ଶିଆଲ ଆର୍ଟ ପ୍ରଶିକ୍ଷିଣ ଶିବିର ଅନୁଷ୍ଠିତ ହୋଇଥିଲା। କୋରାପୁଟ ବିଏସଏଫ ବାଟାଲିୟନର ଡିଆଜି ସତ୍ୟୱାନ କାଞ୍ଚିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ, ଜୟପୁର ରାଜ ପରିବାରର ଶାରୀକା ଦେବୀ, ବିଶ୍ୱେଶ୍ୱର ଚନ୍ଦ୍ରଚୂଡ ଦେଓ, ବିଏସଏଫ, ସିଆଏସଏଫ ଓ କୋବ୍ରା ବାଟିଲିୟନର ଅଧିକାରୀ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚର ଲକ୍ଷ୍ମଣ ନାୟକଙ୍କ ସହିଦ ଦିବସ



ନବରଙ୍ଗପୁର,୩୦।୩(ସମିସ): ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ନବରଙ୍ଗପୁର ଜିଲ୍ଲା ଶାଖା ପକ୍ଷରୁ ସହିଦ୍ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ବା ବଳିଦାନ୍ ଦିବସ ନବରଙ୍ଗପୁର ନିକଟସ୍ଥ ବିକ୍ରମପୁର ପଞ୍ଚାୟତ ଅଧୀନ ଦେଓଳା ଗ୍ରାମରେ ଯୁବ ସମାଜସେବୀ ରଜନୀ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଦିବାସୀ ମାନଙ୍କ ଜଳ ଜମି ଜଙ୍ଗଲର ସୁରକ୍ଷା ଓ ଅଧିକାରକୁ ନେଇ ଆଗମୀ ଦିନରେ ଗଣତାନ୍ତ୍ରିକ ଲଢେଇକୁ ଜୋରଦାର କରିବାକୁ ନିଷ୍ପତି ନିଆଯାଇଛି । ସହିଦ୍ ଲକ୍ଷ୍ମଣ ନାୟକଙ୍କ ଅଧୁରା ସ୍ୱପ୍ନକୁ ପୁରା କରିବାକୁ ପଡ଼ିବ । ମୂଳ ନିବାସୀ ମାନଙ୍କ ଜଳ, ଜମି, ଜଙ୍ଗଲ ଛଡ଼ାଇ ନେବା ଓ ସରକାରଙ୍କ ଦ୍ୱାରା ବେଆଇନ ଭାବରେ ଜମିରୁ ଉଚ୍ଛେଦ କରିବା ଭଳି କାର୍ଯ୍ୟକୁ ସଭା ମଧ୍ୟରେ ପ୍ରତିବାଦ କରିଥିଲେ। ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଓ ସଂଶୋଧିତ ଆଇନ୍ ୨୦୧୨ ନିୟମକୁ ଉଲ୍ଲଂଘନ, ଭୂମି ଅଧିଗ୍ରହଣ ଆଇନ୍ ୨୦୧୩ ନିୟମକୁ ଉଲ୍ଲଂଘନ କରି ପେସା ଆଇନ୍‌ର ଉଲ୍ଲଂଘନ ଓ ପଞ୍ଚମ ଅନୁସୂଚିତ ଅଞ୍ଚଳ ଆଇନକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ଗ୍ରାମସଭାର ବିନା ଅନୁମତିରେ ଦେଓଳା ଠାରେ ଗୁନଟାଟ ଆନିକୋଟ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ ଚାଲିଥିବା ହେତୁ ଆଗମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ନବରଙ୍ଗପୁର ଜିଲ୍ଲା ସମ୍ପାଦକ ରାଜେଶ୍ ଜାନି ନିଜର ମତ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କୃଷକ ସଭା ରାଜ୍ୟ କମିଟି ସଭ୍ୟ ଦେବରାଜ ନାଗ, ଦୟାନିଧି ସୁନା, ଟଙ୍କଧର ପୂଜାରୀ, ହେମଧର ଭତରା, କ୍ଷେତ୍ର ଭତରା, ସନ୍ଧର ନାୟକ, ଇନ୍ଦ୍ରା ଦିଶାରି, ଭଗବାନ ମାଳି, ଜଟିଆ ଗୌଡ, ଧନସିଂ ଦିସାରୀ, ଦେବ ଭତରା ପ୍ରମୁଖଙ୍କ ସମେତ ବହୁ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

# ୧୦ ପାଣି ଟ୍ୟାଙ୍କର ଲୋକାର୍ପିତ



ବିଷମ କଟକ,୩୦।୩(ସମିସ): ଗ୍ରୀଷ୍ମ ପ୍ରବାହ ସମୟରେ ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟକୁ ଦୂର କରିବା ନିମନ୍ତେ ରାୟଗଡ଼ା ଜିଲ୍ଲା ବିଷମ କଟକ ପଞ୍ଚାୟତ ସମିତି ତରଫରୁ ଏକ ଅଭିନବ ପ୍ରୟାସ ହାତକୁ ନିଆଯାଇଛି। ନିୟମିତ ବ୍ୟବଧାନରେ ଗ୍ରମପଞ୍ଚାୟତର ବିଭିନ୍ନ ଗାଁ ଗୁଡିକରେ ନଳକୂପ ଖରାପ, ପାଣି ମଟର ଖରାପ ହେଲେ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ରହିବା ସହ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମସ୍ୟାକୁ ଦୂର କରିବା ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ବ୍ଲକର ୧୦ ଗ୍ରାମ ପଞ୍ଚାୟତରେ ଜରୁରୀକାଳୀନ ସ୍ଥିତିରେ ଟ୍ୟାଙ୍କର ସାହାର୍ଯ୍ୟରେ ପାନୀୟ ଜଳ ଯୋଗାଣ ନିମନ୍ତେ ପାଣି ଟ୍ୟାଙ୍କର ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଚାଞ୍ଚଡାଗୁଡା,ହାଟମୁନିଗୁଡା, ପାଇକଡାକୁଲୁଗୁଡା, ସାହାଡା, ଝିଗିଡି, ଡୁକୁମ୍, ଡୁମୁରିନେଳି, ଭାତପୁର, କୁମ୍ଭାରଧାମୁଣି, କୁଟ୍ରାଗଡ ଗ୍ରାମପଞ୍ଚାୟତକୁ ପ୍ରଦାନ କରାଯାଇଛି। ପାଣିଟ୍ୟାଙ୍କର ଲୋକାର୍ପଣ ଉତ୍ସବରେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସବୁଜ ପତାକା ଦେଖାଇ ଲୋକାର୍ପିତ କରିଛନ୍ତି। ଏ ଅବସରରେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ବିଷମ କଟକ ତହସିଲଦାର କେ.ଭେଙ୍କେଟେ ରେଡି , ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ଏବଂ ୧୦ଟା ଗ୍ରାମପଞ୍ଚାୟତର ସରପଞ୍ଚ ମାନେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ଚନ୍ଦାହାଣ୍ଡି ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୩୦।୩(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ଚୈନୁ ଗଣ୍ଡଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୫୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୨୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଆଜିର ଆୟୋଜିତ ଏହି ଶିବିରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ୧୦ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନା ସହାୟତା କାର୍ଡ ପ୍ରଦାନ କରାଯାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

# ସହିଦଙ୍କ ପରିବାରଙ୍କୁ ସମ୍ମାନିତ କଲା ପୁଲିସ





କୋରାପୁଟ,୩୦।୩(ସମିସ): ଦେଶ ପାଇଁ ବଳିଦାନ ଦେଇଥିବା ୫ ଯବାନଙ୍କ ପରିବାରକୁ କୋରାପୁଟ ପୁଲିସ ପକ୍ଷରୁ ସମ୍ମାନିତ କରାଯାଇଛି। କୋରାପୁଟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଏସଡିପିଓଙ୍କ ସମେତ ଅନ୍ୟ ଦୁଇ ଅଫିସର୍ କୋରାପୁଟ ସହରରେ ରହୁଥିବା ପାଞ୍ଚ ସହିଦ ପରିବାରଙ୍କ ଘରକୁ ଯାଇ ପୁଷ୍ପଗୁଚ୍ଛ ଦେଇ ପରିବାର ସମ୍ପର୍କୀୟଙ୍କୁ ସମ୍ମାନିତ କରିବା ସହ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସହିଦ ପରିବାରଙ୍କ ଅସୁବିଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇବା ସହ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦିଆଯିବ ବୋଲି ଏସଡିପିଓ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି।

# ଟାୱାରରେ ଚଢ଼ି ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

କୋରାପୁଟ,୩୦।୩(ସମିସ): ମୋବାଇଲ ଟାୱାର ଉପରକୁ ଚଢିଗଲେ ଯୁବକ। କୋରାପୁଟରୁ ରାଣିଗଡ଼ ଯିବା ରାସ୍ତା ନିକଟ ତଳ ଡାକରା ଗାଁରେ ଏହି ଘଟଣା ଦେଖିବାକୁ ମିଳିଛି। ନିଶାସକ୍ତ ଯୁବକଙ୍କୁ ଓହ୍ଲାଇବାକୁ ପ୍ରୟାସ କରି ୫ଜଣ ଉପରକୁ ଚଢିଥିଲେ। କିନ୍ତୁ ତଳକୁ ଓହ୍ଲାଇ ପାରିଲେ ନାହିଁ। ଖବର ପାଇଁ ସଦର ପୁଲିସ ଓ କୋରାପୁଟ ଅଗ୍ନିଶମ ବିଭାଗ ପହଞ୍ଚି ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ୬ ଜଣଙ୍କୁ ତଳକୁ ଓହ୍ଲାଇଥିଲେ। ସୂଚନା ଅନୁଯାୟୀ ଗତକାଲି ରାତ୍ରିରେ ତଳ ଡାକରା ଗ୍ରାମର ବେଣୁ ନାୟକ ଅତ୍ୟଧିକ ମଦ୍ୟପାନ କରି ଟାୱାର ଉପରେ ଚଢ଼ି ଯାଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଖବର ପାଇ ଅଗ୍ନିଶମ ଏସଓ ଅନୁପ ବାଗଙ୍କ ନେତୃତ୍ୱରେ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

● ପଡ଼ିଆ ବ୍ଲକରେ ପୋଷଣ-୧୫ ଅଭିଯାନ

# ଅଙ୍ଗନବାଡି କର୍ମୀଙ୍କ ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ



ମାଲକାନଗିରି/ପୋଡ଼ିଆ, ୩୦।୩(ସମିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଜାରି ରହିଥିବା ସ୍ୱତନ୍ତ୍ର ଅଭିଯାନ ପୋଷଣ-୧୫ କାର୍ଯ୍ୟକ୍ରମ ଅଧୀନରେ ଆଜି ପୋଡ଼ିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଙ୍ଗନବାଡ଼ି କର୍ମୀମାନେ ଯୋଗ ଦେଇଥିଲେ। ଶିଶୁମାନଙ୍କର ସଠିକ ଶାରୀରିକ ଓ ମାନସିକ ବିକାଶକୁ ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ, ପୋଷଣ ଟ୍ରାକର ଆପ୍‌ରେ ଶିଶୁମାନଙ୍କର ତଥ୍ୟ ଅପଲୋଡ୍ କରିବା ଏବଂ ସେମାନଙ୍କର ଉଚ୍ଚତା ଓ ଓଜନର ସଠିକ ମାପ ପ୍ରକ୍ରିୟା ସମ୍ପର୍କରେ କର୍ମୀମାନଙ୍କୁ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଇଛି। ଶିଶୁଙ୍କ ପୁଷ୍ଟିସାଧନ କ୍ଷେତ୍ରରେ କୌଣସି ଅବହେଳା ଯେପରି ନହୁଏ, ସେଥିପାଇଁ ଡାଟା ଏଣ୍ଟ୍ରିର ସଠିକତା ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆସନ୍ତା ଏକ ସପ୍ତାହ ମଧ୍ୟରେ ବ୍ଲକର ସମସ୍ତ ହିତାଧିକାରୀ ଶିଶୁଙ୍କ ତଥ୍ୟକୁ ପୋଷଣ ଟ୍ରାକର ଆପ୍‌ରେ ସମ୍ପୂର୍ଣ୍ଣ ଭାବେ ଅପଡେଟ୍ କରାଯିବ। ଅଞ୍ଚଳର ଜଣେ ହେଲେ ବି ଶିଶୁ ଯେପରି ଏହି ସରକାରୀ ସୁବିଧା ଓ ଯୋଜନାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ସଜାଗ ଓ ଦାୟିତ୍ୱବାନ ରହିବାକୁ ସେ ଅଙ୍ଗନବାଡ଼ି କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ପୋଷଣ ଅଭିଯାନର ସମନ୍ୱୟକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁ ମନ୍ଦିରର ରଜତ ଜୟନ୍ତୀ ସମାରୋହ



## ଯୋଗଦେଲେ ଗଣଶିକ୍ଷା ମନ୍ତ୍ରୀ

କୁନ୍ଦୁରା, ୩୦।୩(ସମିସ): କୁନ୍ଦୁରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ ବର୍ଷ ପୂର୍ତ୍ତୀ ଅବସରରେ ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଶିଶୁମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରାଗଲେ ସମାଜର ମୂଳଦୂଆ, ଦେଶ ଓ ବିକଶିତ ଭାରତ ଗଠନରେ ସହାୟକ ହେବେ। ଶିକ୍ଷା ହିଁ ମଣିଷକୁ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ପରିଚୟ ଦେଇଥାଏ। ଶିଶୁ ମନ୍ଦିର ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଆଧାର କରି ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ କରିଛି। ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଏଠାରେ ପରିଲକ୍ଷିତ ହେଉଛି । ଏଣୁ ଶିଶୁ ମନ୍ଦିର ଶିକ୍ଷା ବ୍ୟବସ୍ଥାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଶିଶୁ ମନ୍ଦିରରେ ଗୁରୁଜୀ ଗୁରୁମା ମାନେ ବହୁ କମ ପାରିଶ୍ରମିକରେ ଉତ୍ତମ ଶିକ୍ଷା ଆସୁଛନ୍ତି । କୁନ୍ଦୁରା ଅଞ୍ଚଳରେ ଶିଶୁ ମନ୍ଦିର ତାର ରଜତ ଜୟନ୍ତୀ ପାଳନ କରୁଛି ଏହା ଏ ଅଞ୍ଚଳ ପାଇଁ ଗର୍ବର ବିଷୟ । ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ଭଗବାନ ମଲ୍ଲିକ, ପ୍ରଧାନ ଆଚାର୍ଯ୍ୟ ଭଗବାନ ପାଢ଼ୀ, ସମ୍ପାଦକ ଅଜିତ କୁମାର ସାହୁ, ଉପ ସଭାପତି ଚନ୍ଦ୍ର ଶେଖର ରଥ, ଯୁଗ୍ମ ସମ୍ପାଦକ ବିକାଶ ଚୌଧୁରୀ, କୋଷାଧକ୍ଷ ସୁମିତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଆଜି ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତହସିଲଦାର ବିନୋଦ କୁମାର ନାଏକ ସମ୍ମାନିତ ଅତିଥି ଭାବେ ବିଇଓ ରଘୁନାଥ ପାଙ୍ଗି, ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଏବଂ ପୂର୍ବତନ ଛାତ୍ର ମାନଙ୍କୁ ସମ୍ମାନିତ କରାଯାଇଥିଲା। ଉପ ସଭାପତି ଶ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ଛାତ୍ର ଚନ୍ଦନ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ।

